# ୨୬୧୩ ସ୍କୁଲରେ ଆଜି ଆରମ୍ଭ ହେବ ଖଡ଼ିଛୁଆଁ

ବ୍ରହ୍ମପୁର,୧।୪(ଅଶୋକ କୁମାର ସାହୁ)

ରାଜ୍ୟର ବିଭିନ୍ନ ସ୍କୁଲରେ ବୁଧବାର ଶିଶୁ ବାଟିକା ଶ୍ରେଣୀ ଆରମ୍ଭ ହେବ। ନୂଆରେ ଶିଶୁମାନେ ଖଡି ଛୁଇଁବେ। ଏହି ପରିପ୍ରେକ୍ଷୀରେ ଗଞ୍ଜାମ ଜିଲାରେ ୨୬୧୩ ସ୍କୁଲରେ ଖଡିଛୁଆଁ ଆରମ୍ଭ ହେବ। ଏଥିପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ସରିଛି ବୋଲି ବୋଲି ଶିକ୍ଷା ବିଭାଗ ସୂଚନା ଦେଇଛି। ପିଲାଙ୍କ ଭିତରେ ଶିକ୍ଷା ପ୍ରତି ଆଗ୍ରହ ବଢ଼ିବା ପାଇଁ ରାଜ୍ୟ ସରକାର ଏଭଳି ଏକ ନୂଆ ପଦକ୍ଷେପ ନେଇଛନ୍ତି। ସେହି ଅନୁସାରେ ଗଞ୍ଜାମ ଜିଲାରେ ଗତ ୧୭ରୁ ୨୮ ତାରିଖ ପର୍ଯ୍ୟନ୍ତ ପ୍ରତି ଗାଁରେ ଲୋକ ପ୍ରତିନିଧି, ବିଇଓ, ସରପଞ୍ଚ, ସିଆରସିସି, ଶିକ୍ଷୟିତ୍ରୀଶିକ୍ଷକଙ୍କ ଜରିଆରେ ନିମନ୍ତ୍ରଣ ପତ୍ର ବଣ୍ଟନ କରାଯାଇଛି। ଯେଉଁମାନେ ନୂଆରେ ଖଡି ଛୁଇଁବେ ସେମାନେ ଶିଶୁବାଟିକା



କ୍ଷେତ୍ରୀବରପୁର ନୋଡାଲ ସରକାରୀ ହାଇସ୍କୁଲ ପଲାଙ୍କୁ ପୁସ୍ତକ ବଣ୍ଟନ କରାଯାଇଛି।

ଶ୍ରେଣୀରେ ପଢ଼ିବେ। ଏଥି ସହିତ ଅଙ୍ଗନୱାଡି କେନ୍ଦ୍ରରୁ ଆସିବାକୁ ଥିବା ପିଲାମାନେ ପ୍ରଥମ ଶ୍ରେଣୀରେ ନାମ ଲେଖାଇବେ ବୋଲି କୁହାଯାଇଛି। ଜିଲାର ୧୬୭୧ ପ୍ରାଥମିକ ବିଦ୍ୟାଳୟ ଓ ୯୪୨ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହେବ। ଶିଶୁ ବାଟିକା ପ୍ରତି ପିଲାଙ୍କ ଆଗ୍ରହ ବଢ଼ିବା ପାଇଁ ୨୨ ବ୍ଲକରେ ସଚେତନତା ରଥ ବୁଲିବ। ପିଲାଙ୍କ ପାଇଁ ଯାହା ଯାହା ଭିତ୍ତିଭୂମି ଦରକାର ତାହା ରହିଛି। ଚଳିତ ଶିକ୍ଷା ବର୍ଷରୁ ନୂଆ ଶିକ୍ଷାନୀତି ଅନୁସାରେ ଶିକ୍ଷାଦାନ କରାଯାଉଥିବାରୁ ତୃଣମୂଳସ୍ତରରୁ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ଏହି ଯୋଜନା କରାଯାଇଛି। ଶିଶୁବାଟିକା ଶ୍ରେଣୀର ପିଲାଙ୍କୁ ଶିକ୍ଷାଦାନ ପାଇଁ ୨୮୮୫ ସ୍କୁଲର ଜଣେ ଲେଖାଏଁ ଶିକ୍ଷକଙ୍କୁ ତାଲିମ ଦିଆଯାଇଛି। ଶିଶୁମାନେ ବିଦ୍ୟାଳୟ ପ୍ରବେଶ କରିବା ପରେ ସେମାନଙ୍କୁ ସମସ୍ତ ଶିକ୍ଷଣ ସାମଗ୍ରୀ ଥାଇ ଏକ କିଟ ପ୍ରଦାନ କରାଯିବା ବ୍ୟବସ୍ଥା କରାଯାଇଛି। ସେହିପରି ଅଙ୍ଗନବାଡି କେନ୍ଦ୍ରଗୁଡିକରୁ ପ୍ରାୟ ୩୨ରୁ ୩୫ ହଜାର ପିଲା ପ୍ରଥମ ଶ୍ରେଣୀରେ ନାମ ଲେଖାଇବା ବ୍ୟବସ୍ଥା ହୋଇଛି। ଏହାକୁ ବ୍ୟାପକ କରିବାର ସମସ୍ତ ବନ୍ଦୋବସ୍ତ କରାଯାଇଥିବା କୁହାଯାଇଛି। ଏ ସମ୍ପର୍କରେ ଜିଲା ଆଦିବାସୀ ଶିକ୍ଷା ସଂଯୋଜକ ସରୋଜ ମୋହନ ପାଳ କହିଲେ ଯେ, ପ୍ରାଥମିକ ସ୍ତରରେ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଏଭଳି ଯୋଜନା କରାଯାଇଛି। ଶିଶୁବାଟିକା ଭିତ୍ତିଭୂମିକୁ ସୁଦୃଢ଼ କରାଯାଇଛି। ଯେଭଳି ପିଲାଙ୍କ ଶିକ୍ଷା ପ୍ରତି ଆଗ୍ରହ ବଢ଼ିବ ସେଥିନିମନ୍ତେ ସମସ୍ତ ପ୍ରସ୍ତୁତି ସରିଛି ବୋଲି ସେ କହିଥିଲେ। ଏ ସଂକ୍ରାନ୍ତରେ ଜିଲା ଶିକ୍ଷାଧିକାରୀ ଦାୟିତ୍ୱରେ ଥିବା ଅତିରିକ୍ତ ଜିଲା ଶିକ୍ଷାଧିକାରୀଙ୍କୁ ଯୋଗାଯୋଗ କରାଯାଇଥିଲେ ବି ସମ୍ଭବ ହୋଇନଥିବାରୁ ପ୍ରତିକ୍ରିୟା ଦିଆଯାଇ ପାରିନାହିଁ।

## କେଏସ୍‌ୟୁବି କଲେଜରେ ଖାତା ମୂଲ୍ୟାୟନ ପ୍ରସ୍ତୁତି ଚୂଡ଼ାନ୍ତ

ଭଞ୍ଜନଗର,୧।୪(ବାବୁଲା ପ୍ରଧାନ)

ରାଜ୍ୟରେ ଯୁକ୍ତ ୨ ପରୀକ୍ଷା ଖାତା ମୂଲ୍ୟାୟନ ବୁଧବାରଠାରୁ ଆରମ୍ଭ ହେବ। ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ (କେଏସ୍‌ୟୁବି) ମହାବିଦ୍ୟାଳୟରେ ମଧ ଯୁକ୍ତ ୨ ପରୀକ୍ଷା ଖାତା ଅଫଲାଇନ ଏବଂ ଅନ୍‌ଲାଇନ ମୂଲ୍ୟାଙ୍କନ ପାଇଁ ସମସ୍ତ ପ୍ରସ୍ତୁତି ସରିଛି। ଅଧକ୍ଷ ରାଜେନ୍ଦ୍ର କୁମାର ଦାସ ମୂଲ୍ୟାଙ୍କନ କିଭଳି ସ୍ୱାଭାବିକ ଭାବେ ଚାଲିବ ସେନେଇ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ସହ ଆଲୋଚନା କରିଛନ୍ତି। ଡେପୁଟି ସୁପରିଟେଣ୍ଡେଣ୍ଟ ବିଭାସ ଦାସ, ଜୋନ ଅଫିସର୍ ରଜନୀକାନ୍ତ ତ୍ରିପାଠୀ, ବୁଦ୍ଧିନାଥ ବେହେରା, ସୁନିଲ ଦାସ ଦାୟିତ୍ୱରେ ଅଛନ୍ତି। ଅନଲାଇନ ଦୁଇଟି ସିଫ୍ଟରେ ହେବ। ସେହିଭଳି ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟ ପକ୍ଷରୁ ମଧ ଚଳିତବର୍ଷ ଯୁକ୍ତ ୩ ପରୀକ୍ଷା ଫଳ ନିର୍ଦ୍ଧାରିତ ସମୟର ବହୁ ପୂର୍ବରୁ ପ୍ରକାଶ ପାଇଁ ପଦକ୍ଷେପ ନିଆଯାଇଛି। ବିଶ୍ୱ ବିଦ୍ୟାଳୟ ଅଧୀନରେ ଥିବା ମୂଲ୍ୟାଙ୍କନକେନ୍ଦ୍ରଗୁଡିକରେ ବର୍ତ୍ତମାନ ଷଷ୍ଠ ସେମିଷ୍ଟାର୍ ମୂଲ୍ୟାଙ୍କନ ଚାଲିଛି। କରୋନା ପରଠୁ ବିଭିନ୍ନ ପରୀକ୍ଷା ଫଳ ପ୍ରକାଶ ରେ ବିଳମ୍ବ ହେଉଥିଲା। ଏହାଦ୍ୱାରା ଛାତ୍ରୀଛାତ୍ରମାନେ ରାଜ୍ୟ ବାହାରେ ଉଚ୍ଚତର ଶିକ୍ଷା ଗ୍ରହଣ କରିବାରେ କିଛିଟା ସମସ୍ୟାର ସମ୍ମୁଖୀନ ହେଉଥିଲେ। ମାତ୍ର ଚଳିତ ବର୍ଷ ଶୀଘ୍ର ପରୀକ୍ଷା ଫଳ ପ୍ରକାଶ ପାଇବା ଲାଗି ସ୍ଥିର ହୋଇଥିବାରୁ ଛାତ୍ରୀଛାତ୍ରଙ୍କ ପାଇଁ ଏହି ସମସ୍ୟା ରହିବ ନାହିଁ ବୋଲି କୁହାଯାଉଛି।

## ସଂକ୍ଷେପରେ

### ଶୌଚାଳୟରେ ଭଙ୍ଗାରୁଜା ସହ ଚୋରି ଅଭିଯୋଗ

ବୁଗୁଡ଼ା,୧।୪(କାଳିଚରଣ ଦାଶ)

ବୁଗୁଡ଼ା ବ୍ଲକର ବାଲିପଦର ପଞ୍ଚାୟତ ଦ୍ୱାରା ବାଲିପଦର-ବେଲଗୁଣ୍ଠା ରାସ୍ତାର ତିନି ଛକିଆ ଠାରେ ନବ ନିର୍ମିତ ଶୌଚାଳୟରେ କେତେ ଜଣ ଦୁର୍ବୃତ୍ତ ଭଙ୍ଗାରୁଜା କରିବା ସହ କେତେକ ସାମଗ୍ରୀ ଚୋରି କରି ନେଇଛନ୍ତି। ଏନେଇ ସରପଞ୍ଚ ରାଜଲକ୍ଷ୍ମୀ ପ୍ରଧାନ ବାଲିପଦର ଫାଣ୍ଡିରେ ଅଭିଯୋଗ କରିଛନ୍ତି। ଗତ ମାର୍ଚ୍ଚ ୨୯ ଓ ୩୦ ତାରିଖ ଉଭୟ ରାତିରେ ଦୁର୍ବୃତ୍ତମାନେ ସର୍ବସାଧାରଣଙ୍କ ପାଇଁ ନିର୍ମିତ ଶୌଚାଳୟର କାଚ୍ଚ ଓ କବାଟ, ପାଣିପମ୍ପ ଓ ପାଣିଟାଙ୍କିକୁ ସଂଯୋଗ କରୁଥିବା ପାଇପ୍, ବିଦ୍ୟୁତ୍ ସଂଯୋଗୀକରଣ ବ୍ୟବସ୍ଥା, ପାଇଖାନା ଓ ପରିସ୍ରା ଷ୍ଟାଣ୍ଡକୁ ଭଙ୍ଗାରୁଜା କରିଛି। ସେଠାରେ ବ୍ୟବହୃତ ସାମଗ୍ରୀମାନ ଚୋରି କରି ନେଇଯାଇଛନ୍ତି। ସରପଞ୍ଚଙ୍କ ଅଭିଯୋଗକ୍ରମେ ବାଲିପଦର ଫାଣ୍ଡି ଅଧିକାରୀ କେ. ନିଳାଦ୍ରୀ ରେଞ୍ଜୀ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ଖବର ଲେଖା ହେବା ସୁଦ୍ଧା ଥାନାରେ ମାମଲା ପଞ୍ଜୀକୃତ ହୋଇ ନ ଥିବା ଜଣାପଡ଼ିଛି।

### ରକ୍ତଦାନ ଶିବିର

ଦିଗପହଣ୍ଡି,୧।୪(ଅଶେଷ ନାଥ ମିଶ୍ର)

ଓଡ଼ିଶା ଦିବସ ଅବସରରେ ମଙ୍ଗଳବାର ଦିଗପହଣ୍ଡି ବ୍ଲକ ସିଦ୍ଧେଶ୍ୱର ପଞ୍ଚାୟତ ଗଣିଆନାଳ ଛକସ୍ଥିତ ମା' ପିତାମ୍ବରୀ ବଣିକ ସଂଘ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ବଣିକ ସଂଘ ସଭାପତି ଟୁକୁନା ପ୍ରଧାନଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ଶିବିରକୁ ଦିଗପହଣ୍ଡି ଥାନା ଆଇଆଇସି ପ୍ରଶାନ୍ତ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଖେମୁଣ୍ଡି ସ୍ୱେଚ୍ଛାକୃତ ରକ୍ତଦାତା ସଂଘ ସମ୍ପାଦକ ହରପ୍ରସାଦ ରଥ, ଆଞ୍ଚଳିକ ବିକାଶ ପରିଷଦ ସଭାପତି ସାଗର ପାତ୍ର, ଏସଆଇ ସୋଫିଆ ମିଶ୍ର, ଜ୍ୟୋତି ରଞ୍ଜନ ବେହେରା, ଦୁଷ୍ମନ୍ତ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ। ଶିବିରରେ ୫୦ ଜଣ ରକ୍ତଦାତା ରକ୍ତଦାନ କରିଥିଲେ। ସଂଘ ଉପଦେଷ୍ଟା ଦିଗାମ୍ବର ମହାରଣା ସଂଯୋଜନା କରିଥିଲେ।

### ଉପଖଣ୍ଡସ୍ତରୀୟ ଓଡ଼ିଶା ଦିବସ ପାଳିତ

ବାଲିଗୁଡା,୧।୪(ସଞ୍ଜୟ ପାଣିଗ୍ରାହୀ)

ବାଲିଗୁଡାରେ ଉପଖଣ୍ଡସ୍ତରୀୟ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ସଭାଗୃହ ଠାରେ ହୋଇଥିବା ସଭାରେ ମୁଖ୍ୟ ଅତିଥି ଭାବେ ଉପଜିଲାପାଳ ଡା. ରୀନା ପ୍ରଧାନ ମୁଖ୍ୟବକ୍ତା ଭାବେ ପ୍ରାଧାପକ ଡ. ବିଭୁଷଣ ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ଉପଖଣ୍ଡ ଆରକ୍ଷୀ ଅଧିକାରୀ ରମେନ୍ଦ୍ର ପ୍ରସାଦ, ପ୍ରକଳ୍ପ ପ୍ରଶାସକ କୃପାସିନ୍ଧୁ ବେହେରା, ତହସିଲଦାର ଦୀପ୍ତି ପ୍ରକାଶ ବେହେରା, ଉତ୍କଳ ସମ୍ମିଳନୀ ସଦସ୍ୟ ଆଇନଜୀବୀ କୌଶିକ ସାହୁ, ଡେପୁଟି କଲେକ୍ଟର ତଥା ଉପଖଣ୍ଡ ଉତ୍ସବ ପାଳନ କମିଟି ସମ୍ପାଦକ ଧୀରଜ ପାତ୍ର, ଏନଏସି ଅଧକ୍ଷ ଗୋବିନ୍ଦ ପ୍ରଧାନ ଉପସ୍ଥିତ ରହି ଓଡିଶା ଗଠନରେ ବୀରପୁତ୍ରମାନଙ୍କ ଅବଦାନ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପରସ୍କୃତ କରାଯାଇଥିଲା।

### ବିଜେଡି ପାଳିଲା ଓଡ଼ିଶା ଦିବସ

ଶେରଗଡ଼/ଛତ୍ରପୁର,୧।୪(ସୂର୍ଯ୍ୟ ନାରାୟଣ ଦାଶ/ଦିଲୀପ ସାମଲ)

ଶେରଗଡ଼ ବିଜେଡି ପକ୍ଷରୁ ଓଡିଶା ଦିବସ ପାଳିତ ହୋଇଛି। ବିଜେଡି ନେତା କର୍ମୀ ଚାରି ଛକରେ ଏକାଠି ହେବା ପରେ ସେଠାରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ସମସ୍ତ ନେତା କର୍ମୀ ସ୍ଥାନୀୟ ମହାତ୍ମା ଗାନ୍ଧୀ ଉଚ୍ଚ ବିଦ୍ୟାଳୟରେ ପହଞ୍ଚି ପ୍ରଥମେ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ବିଦ୍ୟାଳୟ ପରିସରରେ ଥିବା ଓଡ଼ିଶାର ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସେଠାରେ ଆୟୋଜିତ ସଭାରେ ବ୍ଲକ ବିଜେଡି ସଭାପତି ଶରତଚନ୍ଦ୍ର ପାତ୍ର ସଭାପତିତ୍ୱ କରିଥିଲେ। ସୋରଡାର ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ବ୍ଲକ ଅଧକ୍ଷ କୃଷ୍ଣଚନ୍ଦ୍ର ନାୟକ, ବିଧାୟକ ପ୍ରତିନିଧି ଦିଗାମ୍ବର ନାହାକ, ଦୁର୍ଗାପ୍ରସାଦ ବିଷୋୟୀ, ପ୍ରମୋଦ ପାତ୍ର, ବରୁଣ ପଲେଇ, ବଳରାମ ରାଉତଙ୍କ ସମେତ ଅନ୍ୟମାନେ ଯୋଗଦେଇ ବିଜେଡି ସରକାର ସମୟରେ ଓଡିଶାକୁ କିପରି ଏକ ନମ୍ବର ରାଜ୍ୟରେ ପରିଣତ କରାଯାଇଥିଲା ସେନେଇ ଆଲୋକପାତ କରିଥିଲେ। ସେହିପରି ଛତ୍ରପୁର ନିର୍ବାଚନ ମଣ୍ଡଳୀ ବିଜେଡି ପକ୍ଷରୁ ଛତ୍ରପୁରଠାରେ ଓଡ଼ିଶା ଦିବସ ପାଳନ କରାଯାଇଛି। ପୂର୍ବତନ ବିଧାୟକ ସୁବାସ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଏହା ହୋଇଥିଲା। ଭିଆଇପି ରୋଡରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ବରପୁତ୍ରମାନଙ୍କ ଅବଦାନ ମନେ ପକାଯାଇଥିଲା। ଛତ୍ରପୁର ଲୋୟର ବସଷ୍ଟାଣ୍ଡରେ ବିଜୁ ପଟ୍ଟନାୟକ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରାଯାଇଥିଲା। ଛତ୍ରପୁର ଏନଏସି ଉପାଧ୍ୟକ୍ଷ ଜି.ପାପା ରାଓ, ବିଜେଡି ନଗର ସଭାପତି ବି.ରାଜିବାବୁ, ଟଙ୍କ ବିହାରୀ ପଟ୍ଟନାୟକ, ପ୍ରବାସି ପ୍ରଧାନ, ଶଙ୍କର ପ୍ରସାଦ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## ଭାଷା ଆନ୍ଦୋଳନରୁ ଓଡ଼ିଶା ଗଠନର ମୂଳଦୁଆ ପଡ଼ିଥିଲା




ଅତିଥିଙ୍କ ମେଳରେ ପୁରସ୍କାର ସହ କୃତୀ ଛାତ୍ରୀଛାତ୍ର।

ବ୍ରହ୍ମପୁର,୧।୪(ସ୍ମୃତି ରଞ୍ଜନ ମହାଲିକ)

ଜିଲା ପ୍ରଶାସନ ପକ୍ଷରୁ ମଙ୍ଗଳବାର ସଂସ୍କୃତି ଭବନଠାରେ ଜିଲାସ୍ତରୀୟ ଓଡ଼ିଶା ଦିବସ ପାଳିତ ହୋଇଛି। ଏଥିରେ ରାଜ୍ୟ ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା ମୁଖ୍ୟ ଅତିଥି ରୂପେ ଯୋଗ ଦେଇ କହିଥିଲେ ଯେ, ଓଡ଼ିଶା ଏକ ଭାଷାଭିତ୍ତିକ ରାଷ୍ଟ୍ର। ଭାଷା ଆନ୍ଦୋଳନରୁ ଓଡ଼ିଶା ଗଠନର ମୂଳଦୁଆ ପଡ଼ିଥିଲା। ଏହା ଦ୍ୱାରା ଓଡିଶାରେ ଥିବା ଭାଷା ଓ ସଂସ୍କୃତିକୁ ନେଇ ଏକତାର ଭାବଧାରା ସମଗ୍ର ପ୍ରାଚ୍ୟ ଭୂଖଣ୍ଡରେ ପ୍ରଚାର ପ୍ରସାର କରିଥିଲା ବୋଲି ସେ କହିଥିଲେ। ଅନ୍ୟତମ ଅତିଥି ରୂପେ ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ବିଏମସି ମେୟର ସଂଘମିତ୍ରା ଦଳେଇ, ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡା, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ମଧୁମିତା, ବିଏମସି କମିଶନର ଭବାନୀ ପ୍ରସାଦ ମିଶ୍ର, ଗବେଷକ ଅନନ୍ତ ରାମ କର କୌଣ୍ଡିନ୍ୟ ଓ ଉତ୍କଳ ପରିଷଦ ସଂପାଦକ ପ୍ରମୋଦ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟବକ୍ତା ରୂପେ ଡ ସୁରେନ୍ଦ୍ର ନାଥ ପାଣିଗ୍ରାହୀ ଯୋଗ ଦେଇଥିଲେ। ସଭା ପୂର୍ବରୁ ସହରରେ ଗିର ମାର୍କେଟ ସ୍ଥିତ ମହାରାଜା କୃଷ୍ଣ ଚନ୍ଦ୍ର ଗଜପତିଙ୍କ ପ୍ରତିମର୍ତ୍ତିରେ ଅତିଥିମାନେ ପୁଷ୍ପମାଲ୍ୟାର୍ପଣ କରିଥିଲେ। ଏଥିସହ ସଂସ୍କୃତି ଭବନ ପରିସରରେ ରାଜ୍ୟ ସୂଚନା ଓ ଲୋକ ସଂପର୍କ ବିଭାଗ ଦ୍ୱାରା ଆୟୋଜିତ ବରପୁତ୍ରଙ୍କ ଫଟୋ ଚିତ୍ର ପ୍ରଦର୍ଶନୀ ଅତିଥିଙ୍କ ଦ୍ୱାରା ଉଦଘାଟିତ ହୋଇଥିଲା। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲା ସଂସ୍କୃତି ପରିଷଦ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ସୂଚନା ଓ ଲୋକ ସଂପର୍କ ବିଭାଗର ଭାରପ୍ରାପ୍ତ ଉପ ନିର୍ଦ୍ଦେଶକ ତଥା ଜିଲା ସଂସ୍କୃତି ଅଧିକାରୀ ରବି ନାରାୟଣ ବେହେରା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ୧୩ ଦିନିଆ ଦଣ୍ଡପର୍ବ ଆରମ୍ଭ

ଆସିକା,୧।୪(ସୁରେନ୍ଦ୍ର ନାଥ ସାହୁ)

ବହୁ ପୁରାତନ ଆସିକା ଦଣ୍ଡନାଚ ଦଳର ୧୩ ଦିନିଆ ଦଣ୍ଡଯାତ୍ରା ମଙ୍ଗଳବାରଠାରୁ ଆରମ୍ଭ ହୋଇଛି । ଦଣ୍ଡନାଚରେ ସାମିଲ ହୋଇଥିବା ମାନସିକଧାରୀମାନେ ଭୋରରୁ ମନ୍ଦିରରେ ପହଞ୍ଚି ମହାଦେବଙ୍କୁ ଆବାହନ ପରେ ସ୍ନାନ କରି ପଇତା ପିନ୍ଧି ସଂକଳ୍ପ କରିବା ସହ ପୂଜାର୍ଚ୍ଚନା ଓ ହୋମ କରିଥିଲେ । ତାପରେ ବଜାର ସାହିରେ ଅନୁଷ୍ଠିତ ପ୍ରଥମ ଦଣ୍ଡଯାତ୍ରାରେ ଯୋଗଦେଇ କାମନାକାରୀଙ୍କ ମାନସୀକ ପୂର୍ଣ୍ଣ ଲାଗି ଧୂଳିଦଣ୍ଡ ପରେ ପାଣିଦଣ୍ଡ ଓ ଅଗ୍ନିଦଣ୍ଡ କରିଥିଲେ । ସନ୍ଧ୍ୟାରେ ଆଳତି ପରେ ମଧ ରାତ୍ରୀରେ ପୁଣି ମାନସୀକଧାରୀଙ୍କ ବାସଭବନ ସମ୍ମୁଖରେ ଦଣ୍ଡବିଧାନ ଯାତ୍ରା କରିଥିଲେ । ଆସିକା ଭଳି ନିକଟସ୍ଥ କାଳଷଣ୍ଢପୁର, ଖାରିଆ, ଭେଟନଇ, ନୂଆଗାଁ, ମାଗୁରାପଲ୍ଲୀ ଆଦି ଗ୍ରାମରେ ମଧ ଦଣ୍ଡଯାତ୍ରା ଆରମ୍ଭ ହୋଇଛି ।

## କର୍ମ ପ୍ରତି ନିଷ୍ଠା ରହିଲେ ସଫଳତା ନିଶ୍ଚିତ



ଆରକ୍ଷୀ ମହାନିରୀକ୍ଷକ ପରେଡରେ ଅଭିଭାଦନ ଗ୍ରହଣ କରୁଛନ୍ତି।

ବ୍ରହ୍ମପୁର,୧।୪ (ସୁବାସ ଚନ୍ଦ୍ର ପାଢ଼ୀ) ଯିଏ ଯେଉଁ କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି ସେଥିପ୍ରତି ନିଷ୍ଠା ରହିଲେ ସଫଳତା ନିଶ୍ଚିତ ବୋଲି ଦକ୍ଷିଣାଞ୍ଚଳ ପୁଲିସ ରେଞ୍ଜ ଆରକ୍ଷୀ ମହାନିରୀକ୍ଷକ (ଆଇଜି) ନୀତି ଶେଖର କହିଛନ୍ତି। ଆମ୍ବପୁଆ ସ୍ଥିତ ରିଜର୍ଭ ପଡ଼ିଆରେ ଅନୁଷ୍ଠିତ ପୋଲିସ ପ୍ରତିଷ୍ଠା ଦିବସରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସେ କହିଲେ ଯେ, ପୋଲିସ ଓ ଲୋକଙ୍କ ମିଳିତ ଉଦ୍ୟମରେ ଅପରାଧମୁକ୍ତ ସମାଜ ଗଠନ ହୋଇପାରିବ। ସେଥିପାଇଁ ବି ଉଭୟଙ୍କ ଆନ୍ତରିକତା ଦରକାର ବୋଲି ସେ କହିଛନ୍ତି। ପରେଡ଼ର ଅଭିବାଦନ ମଧ ଗ୍ରହଣ କରିଥିଲେ। ସେହିପରି ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ କହିଥିଲେ ଯେ, ସମାଜରେ ଥିବା ଦୁର୍ବଳ ଶ୍ରେଣୀର ଲୋକ, ମହିଳା ଓ ବରିଷ୍ଠ ନାଗରିକଙ୍କ ସୁରକ୍ଷା ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ହେବ। ଲୋକଙ୍କ ମଧରେ ପୋଲିସର ବିଶ୍ୱାସ ଓ ଭରସା ଜନ୍ମାଇବାକୁ ହେବ। ସାଧାରଣ ନାଗରିକଙ୍କ ଅଧିକାର ଯେପରି କ୍ଷୁଣ୍ଣ ନହେବ ସେଥିପ୍ରତି ମଧ ଦୃଷ୍ଟି ଦେବାକୁ ସେ କହିଥିଲେ। ପୋଲିସ ରିଜର୍ଭ ଇନ୍ସପେକ୍ଟର ଏମ.ଲକ୍ଷ୍ମୀ ରଞ୍ଜନ ପରେଡ଼ ପରିଚାଳନା କରିଥିଲେ। ଜଣେ ଇନ୍ସପେକ୍ଟର, ୨ ଏସଆଇ, ଜଣେ ଏଏସଆଇ, ୪ ହାବିଲଦାର, ୮ କନଷ୍ଟେବଲଙ୍କୁ ସେମାନଙ୍କ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପୁରସ୍କୃତ କରାଯାଇଥିଲା।

## ଗୋଷାଣୀ ନୂଆ ଗାଁ ଶିଶୁ ମନ୍ଦିରରେ ଓଡ଼ିଶା ଦିବସ

ବ୍ରହ୍ମପୁର,୧।୪(ସ୍ମୃତି ରଞ୍ଜନ ମହାଲିକ)

ଗୋସାଣୀ ନୂଆ ଗାଁ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ମଙ୍ଗଳବାର ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଏଥିରେ ପ୍ରଧାନାଚାର୍ଯ୍ୟ ନାରାୟଣ ପଣ୍ଡାଙ୍କ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ରୂପେ ଗଞ୍ଜାମ ମହାବିଦ୍ୟାଳୟର ଓଡିଆ ଅଧାପକ ଲକ୍ଷ୍ମୀ ନାରାୟଣ ପଣ୍ଡା ଯୋଗ ଦେଇ ଓଡିଶାର ବରପୁତ୍ରଙ୍କ ଗୌରବମୟ କଥା କହିଥିଲେ। ବିଦ୍ୟାଳୟର ସହ ପ୍ରଧାନଚାର୍ଯ୍ୟ ପତିତପାବନ ଶତପଥୀ ଅତିଥି ପରିଚୟ



ଦେଇଥିଲେ। ବିଦ୍ୟାଳୟର ୫ମ ଶ୍ରେଣୀ ଛାତ୍ରୀ ମୈତ୍ରୀ ପ୍ରଧାନ ଦିବସ ସଂପର୍କରେ କହିଥିଲେ। ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟ ଯୁଧିଷ୍ଠର ସାହୁ ଧନ୍ୟବାଦ ଦେଇଥିଲେ।

## ବ୍ରହ୍ମପୁରରେ ଓଡ଼ିଆ ଅସ୍ମିତା ଭବନ ପ୍ରତିଷ୍ଠା ଦାବି

ବ୍ରହ୍ମପୁର,୧।୪(ସ୍ମୃତି ରଞ୍ଜନ ମହାଲିକ)

ସହରର ବିଭିନ୍ନ ସଂଗଠନ ପକ୍ଷରୁ ମଙ୍ଗଳବାର ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଦକ୍ଷିଣ ଓଡିଶା ରେଳପଥ ଉନ୍ନୟନ ମିଳିତ କ୍ରିୟାନୁଷ୍ଠାନ କମିଟି, ପ୍ରଗତିଶୀଳ ଉତ୍କଳ ସମାଜ, ଓଡିଶା ଡେଭଲେପମେଣ୍ଟ ଫୋରମ, ଜିଲା ବିକାଶ ମଂଚ ଓ ବିଭିନ୍ନ ଗଣ ସଂଗଠନ ପକ୍ଷରୁ ମହାରାଜା କୃଷ୍ଣ ଚନ୍ଦ୍ର ଗଜପତିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଓଡିଆ ଭାଷା ଓ ଗଡଜାତ ଅଂଚଳର ଏକତ୍ରୀକରଣ ଓଡିଆଙ୍କ ଏକତାକୁ ନେଇ ପ୍ରଥମେ ବ୍ରହ୍ମପୁରରେ ୧୯୦୨ରେ ଏକ ଜାତୀୟ ଅଧିବେଶନ ହୋଇଥିଲା। ଏଣୁ ବ୍ରହ୍ମପୁରରେ ଓଡିଆ ଅସ୍ମିତା ଭବନ ପ୍ରତିଷ୍ଠା କରିବା ପାଇଁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଦାବି ହୋଇଛି। ମିଳିତ କ୍ରିୟାନୁଷ୍ଠାନ କମିଟିର ଆବାହକ ସରୋଜ ରଞ୍ଜନ ପଟ୍ଟନାୟକ, ସମାଜସେବୀ ବିନୋଦ ଠାକୁର, ସୁରେନ୍ଦ୍ର ନାଥ ରାଉତ ଓ ବିଭିନ୍ନ ସଂଗଠନର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସେହିପରି ସ୍ରୋତସ୍ୱିନୀ ସାହିତ୍ୟ ସଂସଦ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମକୁ ଦିପ୍ତିମତା ମହାପାତ୍ର ଉଦଘାଟନ କରିଥିଲେ। ମୁଖ୍ୟଅତିଥି ରୂପେ ଗୋକୁଳାନନ୍ଦ ତ୍ରିପାଠୀ, ସମ୍ମାନନୀୟ ଅତିଥି ଦାମୋଦର ସାବତ, ମୁଖ୍ୟବକ୍ତା ଡ ସଂଯୁକ୍ତା ପଣ୍ଡା, ସଂଯୋଜିକ ନନ୍ଦିନୀ ମହାରଣା ଓ ସଭା ମୁଖ୍ୟ ଭାବେ ଯୁବ କବି ସୁନୀଲ କୁମାର ପ୍ରଧାନ ଯୋଗ ଦେଇଥିଲେ। ନିଖିଳ ଓଡିଶା ବରିଷ୍ଠ କଳାକାର ମହାସଂଘ ଓ ଜିଲା ଶାଖାର ମିଳିତ ଆନୁକୁଲ୍ୟରେ ପାଳିତ ଓଡ଼ିଶା ଦିବସରେ ସଂଘର କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ଆଚାର୍ଯ୍ୟ ଅଧକ୍ଷତା କରିଥିଲେ। କୈଳାସ ପାଣିଗ୍ରାହୀ, ଦେବେନ୍ଦ୍ର ପ୍ରସାଦ ଶର୍ମା, ସଂଗୀତାଚାର୍ଯ୍ୟ ଲକ୍ଷ୍ମୀ ନାରାୟଣ ସାମଲ, ଅଭିରାମ ରାଉଳ ପ୍ରମୁଖ ଅତିଥି ଥିଲେ। ମହାସଂଘର ମହାସଚିବ ସୁବାସ ଚନ୍ଦ୍ର ସାହୁ ଦିବସ ସଂପର୍କରେ କହିଥିଲେ। ସଂସ୍କାରବାଦୀ ସଂଗଠନ ପକ୍ଷରୁ ଲାଠି ଠାରେ ଆୟୋଜିତ ଦିବସରେ ସଭାପତି ତ୍ରିନାଥ ମହାରଣା ସଭାପତିତ୍ୱ କରିଥିଲେ। ଓଡିଆରେ ନାମ ଫଳକ ନ ଥିଲେ ଦୋକାନ ସମ୍ମୁଖରେ ଧାରଣା ଦେବା ପାଇଁ ସଂଘ ପକ୍ଷରୁ ନିଷ୍ପତ୍ତି ହୋଇଥିଲା। ନବୀନ ପାଠାଗାର ସାହିତ୍ୟ ପ୍ରତିଷ୍ଠାନ ପକ୍ଷରୁ ପାଳିତ ଦିବସରେ ଉପଦେଷ୍ଟା ଡ ଡମ୍ବରୁଧର ସାହୁ ସଭାପତିତ୍ୱ କରିଥିଲେ। ସଂସ୍କୃତି ଗବେଷକ ଡ ବାୟୀମନୁ ଚର୍ଚ୍ଚି ଯୋଗ ଦେଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ଅବିଭକ୍ତ ଗଞ୍ଜାମର ଭୂମିକା ଥିବା କହିଥିଲେ। ପ୍ରତିଷ୍ଠାନର ସଭାପତି ରବି ରଥ, ଶିକ୍ଷାବିତ ଶରତ ଚନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ମାନବ ଅଧିକାର ସୁରକ୍ଷା ମଂଚ ପକ୍ଷରୁ ଆୟୋଜିତ ଦିବସ ପାଳନରେ ମଂଚର ସଭାପତି ଗଗନ ଚନ୍ଦ୍ର ମଲିକଙ୍କ ସମେତ ଅବନୀ ଗୟା, ଆର.ସତ୍ୟ ନାରାୟଣ ରାଓ ଏବଂ ସତ୍ୟବାନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ପାରଳାଖେମୁଣ୍ଡି ରେଳ ଷ୍ଟେଶନର ପୁନର୍ବିକାଶ ତ୍ୱରାନ୍ୱିତ

ଭୁବନେଶ୍ୱର,୧।୪ (ଅନୁରାଧା ମହାରଣା)

ରେଳ ମନ୍ତ୍ରଣାଳୟ ଦ୍ୱାରା ଆରମ୍ଭ କରାଯାଇଥିବା ଅମୃତ ଷ୍ଟେଶନ ଯୋଜନାର ଅଂଶ ଭାବରେ ଐତିହାସିକ ପାରଳାଖେମୁଣ୍ଡି ରେଳ ଷ୍ଟେଶନର ପୁନର୍ବିକାଶ ଓ ନବୀକରଣ କରାଯାଉଛି। ଯାତ୍ରୀଙ୍କୁ ଅତ୍ୟାଧୁନିକ ସୁବିଧା ପ୍ରଦାନ ଲକ୍ଷ୍ୟରେ ୧୬.୪ କୋଟି ଟଙ୍କା ବିନିଯୋଗରେ ଚାଲିଥିବା ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଛି। ସଂରକ୍ଷିତ ଲାଉଞ୍ଜ, ପ୍ରଥମ ଶ୍ରେଣୀ ପ୍ରତୀକ୍ଷା ହଲ୍, ସାଧାରଣ ପ୍ରତୀକ୍ଷା ହଲ୍, ଦିବ୍ୟାଙ୍ଗ ଅନୁକୂଳ ସୁବିଧା ସମେତ ପ୍ରିମିୟମ ଶୌଚାଳୟ ବନ୍ଦୋବସ୍ତ କରାଯାଉଛି। ସେହିପରି ଉନ୍ନତ ପ୍ରବେଶମାର୍ଗ, ସୁରକ୍ଷା ଓ ଦିବ୍ୟାଙ୍ଗଙ୍କ ପାଇଁ ପ୍ରବେଶଯୋଗ୍ୟତାକୁ ଉନ୍ନତ କରିବା ପାଇଁ ଷ୍ଟେଶନରେ ୧୨ ମିଟର ଚଉଡା ଫୁଟ ଓଭର ବ୍ରିଜ (ଏଫ୍‌ଓବି) ଓ ଦୁଇଟି ନୂତନ ଯାତ୍ରୀ ଲିଫ୍ଟ ରହିବ। ଷ୍ଟେଶନର ପରିବହନ କ୍ଷେତ୍ରଗୁଡ଼ିକୁ ବିସ୍ତାର ଏବଂ ଉନ୍ନତ କରାଯିବ। ଏଥିଲାଗି ଏକ ନୂତନ ପ୍ରବେଶ ଦ୍ୱାର ତୋରଣ, ପାର୍କିଂ ସୁବିଧା ଏବଂ ଏକ ଆପ୍ରୋଚ ରୋଡ୍ ସୃଷ୍ଟି କରାଯିବ। ଆଧୁନିକୀକରଣର ଅଂଶ ଭାବରେ ଏକ ପାର୍କ ଏବଂ ଭବିଷ୍ୟତ ବାଣିଜ୍ୟିକ କ୍ଷେତ୍ର ମଧ ବିକଶିତ କରାଯିବ। ରାଜପ୍ରାସାଦ ଢ଼ାଞ୍ଚାରେ ଆଧୁନିକ ନିର୍ମାଣ ସାମଗ୍ରୀ ବ୍ୟବହାର କରି ଏହି ଷ୍ଟେଶନର ନବୀକରଣ କରାଯାଉଛି। ଟ୍ରେନ୍ ଚଳାଚଳ ସମ୍ପର୍କିତ ଯାତ୍ରୀ ସୂଚନା ପାଇଁ ଏଲ୍‌ଇଡି ସାଇନେଜ, କୋଚ୍ ସୂଚକ ବୋର୍ଡ ଏବଂ ଟ୍ରେନ ସୂଚକ ବୋର୍ଡ ସ୍ଥାପନ କରାଯିବ। ବର୍ତ୍ତମାନ ସୁଦ୍ଧା ଫୁଟ ଓଭର ବ୍ରିଜ ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ରହିଥିବାବେଳେ ପ୍ଲାଟ୍‌ଫର୍ମ-୨ର ବିଦ୍ୟୁତୀକରଣ ଏବଂ ଆଲୋକିତ ସାଇନେଜ ବୋର୍ଡ ସ୍ଥାପନ କାର୍ଯ୍ୟ ଚାଲୁରହିଛି। ପ୍ଲାଟ୍‌ଫର୍ମ ଆଶ୍ରୟସ୍ଥଳ, ପୃଷ୍ଠ ଉନ୍ନତିକରଣ ଏବଂ ଭିଆଇପି ଲାଉଞ୍ଜ, ପ୍ରଥମ ଶ୍ରେଣୀ ପ୍ରତୀକ୍ଷା ହଲ ଏବଂ ସାଧାରଣ ପ୍ରତୀକ୍ଷା ହଲ୍ ନିର୍ମାଣ ସରିଥିବା ସୂଚନା ଦିଆଯାଇଛି।

## ମିଶନ ଶକ୍ତି କାଫେ ଉଦ୍‌ଘାଟନ କଲେ ବିଧାୟକ

ଭଞ୍ଜନଗର,୧।୪(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଭଞ୍ଜନଗର ବ୍ଲକ ଛକଠାରେ ମଙ୍ଗଳବାର ସନ୍ଧ୍ୟାରେ ମିଶନ ଶକ୍ତି କାଫେ ଉଦ୍‌ଘାଟିତ ହୋଇଛି। ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଥିଲେ ଯେ ମିଶନ ଶକ୍ତି ମାଧମରେ ମହିଳାମାନେ ଆତ୍ମନିର୍ଭରଶୀଳ ହୋଇପାରୁଛନ୍ତି। ସେମାନଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଆସୁଛି। ମହିଳାମାନଙ୍କ ଉନ୍ନତି ପାଇଁ ଡବଲ ଇଞ୍ଜିନ ସରକାର କାମ କରୁଛି ବୋଲି ସେ କହିଥିଲେ। ଏନଏସି ଅଧକ୍ଷ ଗୋପବନ୍ଧୁ ମହାପାତ୍ର, ବ୍ଲକ ଅଧକ୍ଷ ନରି ସଭା ନାୟକ, ଏମପି ପ୍ରତିନିଧି ସନ୍ତୋଷ ତିଆଡି ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ।

## ବହୁମୁଖୀ ଗୋଷ୍ଠୀ କେନ୍ଦ୍ର, ୨ ସ୍ୱାସ୍ଥ୍ୟ ଉପକେନ୍ଦ୍ର ଭିତ୍ତିପ୍ରସ୍ତର ସ୍ଥାପନ କଲେ ମନ୍ତ୍ରୀ

ବୁଗୁଡା/ ବାଲିପଦର,୧।୪ (କାଳିଚରଣ ଦାଶ/ବିଶିକେଶନ ସ୍ୱାଇଁ)

ବୁଗୁଡା ବ୍ଲକ ଅନ୍ତର୍ଗତ ବାଲିପଦରଠାରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲିକ ମଙ୍ଗଳବାର ୫୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ବହୁମୁଖୀ ଗୋଷ୍ଠୀ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ସେହିପରି ମନ୍ତ୍ରୀ ବୁଗୁଡା ବ୍ଲକ ଅନ୍ତର୍ଗତ ଅରଖପୁର ଓ ଅନ୍ତରପଡାରେ ଦୁଇଟି ସ୍ୱାସ୍ଥ୍ୟ ଉପକେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ପ୍ରତିନିଧି କେ. ନୀଳ ମାଧବ ଆଚାରୀଙ୍କ ସହ ପ୍ରଶାସନିକ ଅଧିକାରୀ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।



ସ୍ୱାସ୍ଥ୍ୟକେନ୍ଦ୍ର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ଉପସ୍ଥିତ ମନ୍ତ୍ରୀ।

## ବ୍ରହ୍ମପୁରରେ ୧୪୦୦ ପିଲା ଖାଇଲେ ମଧ୍ୟାହ୍ନଭୋଜନ

ବ୍ରହ୍ମପୁର, ୧।୪(ସୁବାସ ଚନ୍ଦ୍ର ପାଢ଼ୀ): ରାଜ୍ୟରେ ନବମ ଓ ଦଶମ ପିଲାଙ୍କୁ ମଧ୍ୟାହ୍ନଭୋଜନ ବ୍ୟବସ୍ଥା କରାଯାଇଛି। ଏହି ପରିପ୍ରେକ୍ଷୀରେ ବ୍ରହ୍ମପୁର ମହାନଗର ନିଗମ ଅନ୍ତର୍ଗତ ସମସ୍ତ ସରକାରୀ ଓ ଅନୁଦାନ ପ୍ରାପ୍ତ ବିଦ୍ୟାଳୟର ନବମ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ମଙ୍ଗଳବାର ମଧ୍ୟାହ୍ନଭୋଜନ ଦିଆଯାଇଛି। ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନାରେ ଏହି କାର୍ଯକ୍ରମକୁ ସାମିଲ କରାଯାଇଛି। ପୂର୍ବରୁ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପିଲାଙ୍କୁ ମଧ୍ୟାହ୍ନଭୋଜନ ଦିଆଯାଉଥିଲା। ଏହା ଦ୍ୱାରା ପିଲାଙ୍କ ନିକଟରେ ଦେଖାଦେଉଥିବା ପୁଷ୍ଟିହୀନତା ସହ ମାନସିକ ସ୍ତର ବିକଶିତ ହୋଇପାରିବ ବୋଲି କୁହାଯାଇଛି। ପ୍ରଥମ ଦିନରେ ୧୪୦୦ରୁ ଅଧିକ ପିଲାଙ୍କୁ ମଧ୍ୟାହ୍ନ ଭୋଜନ ଓ ମାଣ୍ଡିଆ ଲଡୁ ମିଳିଛି। ସେହିପରି ପ୍ରଧାନମନ୍ତ୍ରୀ ପୋଷଣ ଯୋଜନାରେ ଛାତ୍ରୀଛାତ୍ରଙ୍କୁ ପୁଷ୍ଟିସାର ଲଡୁ ପ୍ରଦାନ କରାଯାଇଛି। ଗୁଡ଼, ଚିନାବାଦାମ, ରାଶି ଓ ମିଲେଟରୁ ପ୍ରସ୍ତୁତ କରାଯାଇଛି ଉକ୍ତ ଲଡୁ। ଏହି ପୁଷ୍ଟିକର ଲଡୁ ପ୍ରତ୍ୟେକ ସପ୍ତାହର ମଙ୍ଗଳବାର, ଗୁରୁବାର ଏବଂ



ପୌର ବାରାକସ ଉଚ୍ଚ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ବିତରଣ।

ଶନିବାର ଦିନ ଏହା ପ୍ରଦାନ କରାଯିବ। ପୂର୍ବରୁ ମିଳୁଥିବା ମଧ୍ୟାହ୍ନ ଭୋଜନରେ ଦୁଇ ଦିନ ଅଣ୍ଡା ମିଳୁଥିଲା। ଚଳିତ ମାସରୁ ସପ୍ତାହକୁ ୩ଦିନ ମିଳିବ ବୋଲି ନୋଡାଲ ଅଧିକାରୀ ସୂଚନା ଦେଇଛନ୍ତି। ଜିଲା ଶିକ୍ଷା ପ୍ରଶାସନ ଅଧିକାରୀ ମାନେ କାର୍ଯ୍ୟକ୍ରମକୁ ତଦାରଖ କରିଛନ୍ତି। କୁପୋଷଣ ସହ ପୁଷ୍ଟିହୀନତାକୁ ଦୂର କରିବାରେ ଏହା ସହାୟକ ହେବେ ବୋଲି ଶିକ୍ଷା ବିଭାଗର ଅଧିକାରୀ କହିଛନ୍ତି। ଏହି ପରିପ୍ରେକ୍ଷୀରେ ସରକାରୀ ପୌର ବାରାକସ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନବମ ଓ ଦଶମ ପିଲାମାନଙ୍କୁ ଖାଦ୍ୟ ତାଲିକା ଅନୁସାରେ ଭାତ, ସୋୟାବିନ ତରକାରୀ ସହ ପୋଷକ ଲଡୁ ଦିଆଯାଇଛି। ପାଚିକାମାନେ ଶୃଙ୍ଖଳାର ସହିତ ଖାଦ୍ୟ ବିତରଣ କରିଥିବା ପ୍ରଧାନ ଶିକ୍ଷୟିତ୍ରୀ ପ୍ରକାଶ କରିଛନ୍ତି। ସେହିପରି ଫୁଲଟାର ମା' ନାରାୟଣୀ ଉଚ୍ଚ ବିଦ୍ୟାଳୟରେ ୯ମ ଓ ୧୦ମ ଶ୍ରେଣୀ ପିଲାଙ୍କୁ ମଧ୍ୟାହ୍ନଭୋଜନ ପ୍ରଦାନ କରାଯାଇଛି। ପ୍ରଧାନ ଶିକ୍ଷକ ଶ୍ରୀକାନ୍ତ ପାଳଙ୍କ ତତ୍ତ୍ୱାବଧାନରେ ଭୋଜନ ପ୍ରସ୍ତୁତି ଓ ବିତରଣ କରାଯାଇଥିଲା। ଅନ୍ୟ ଶିକ୍ଷକମାନେ ସହଯୋଗ କରିଥିଲେ।

